# ଓଡିଶା ଏକ୍ସପ୍ରେସ
# ତାରିଖ: ୨୩.୦୪.୨୦୧୩

## ବିଆଇଆଇଟିଏମ୍‌ରେ ଯସ୍ମ-୨୦୧୩

**ଭୁବନେଶ୍ୱର : ଏକ୍ସପ୍ରେସ୍ ନ୍ୟୁଜ**



ବିଜୁ ପଟ୍ଟନାୟକ ଇନଷ୍ଟିଚ୍ୟୁଟ୍ ଅଫ୍ ଆଇଟି ଏଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ର ବାର୍ଷିକ ଉତ୍ସବ ଯସ୍ମ-୨୦୧୩ ଏପ୍ରିଲ ୧୯ ଏବଂ ୨୦ ତାରିଖରେ ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି । ପ୍ରଥମ ଦିନ ଉତ୍ସବରେ ଉପଦେଷ୍ଟା ପ୍ରଫେସର ପି.ଆର. ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ । ବାର୍ଷିକ ବିବରଣୀ ପାଠ କରିଥିଲେ ଅଧ୍ୟକ୍ଷ ପ୍ରଫେସର ପି.କେ. ତ୍ରିପାଠୀ । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍‌ର ଭୁବନେଶ୍ୱର ସଂପାଦକ ଶ୍ରୀମୟ କର । ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହିତ ପ୍ରଥମ ଦିନର ଉତ୍ସବ ଶେଷ ହୋଇଥିଲା । ଦ୍ୱିତୀୟ ଦିନରେ ବିପିୟୁଟିର ରେଜିଷ୍ଟ୍ରାର ମିହିର ରଞ୍ଜନ ନାୟକ ଏବଂ ମିସ୍ ଇରା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଦ୍ୱିତୀୟ ଦିନର ଏହି ଉତ୍ସବରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଇରା ମହାନ୍ତି ତାଙ୍କ ସୁମଧୁର କଣ୍ଠରେ କେତୋଟି ଲୋକପ୍ରିୟ ସଂଗୀତ ଗାଇ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ବିଦ୍ୟା ଦାଶ ।